# Akashvani, Sambalpur

## SAMBALPURI NEWS EVENING BULLETIN

**19 September 2025- 7.02 pm- 7.12 pm.**

**********************************************

୧- ବିଧାନ ସଭାର୍ ମୌସୁମୀ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍ ବିରୋଧୀ ବିଧାୟକ୍‌ମାନ୍‌କର୍ ହୋହଲ୍ଲା ଲାଗି ଗୃହକାର୍ଯ୍ୟ ପ୍ରଭାବିତ୍ ।

- ରାଜ୍ୟର୍ ୧୭ ଟା ବିଶ୍ୱବିଦ୍ୟାଳୟ ନ ୧ ହଜାର୍ ୪ ଶହ ୪ ଟା ଅଧ୍ୟାପକ୍ ପଦ୍‌ବୀ ଖାଲି ପଡ଼ିଥିବା ସୂଚ୍‌ନା ଦେଲେ ଉଚ୍ଚଶିକ୍ଷାମନ୍ତ୍ରୀ ।

୨- ରାଏଜେ ୪ ହଜାର୍ ୭ ଶହ ୩୯ କୋଟି ଟଙ୍କାର୍ ପୁଞ୍ଜିନିବେଶ୍‌କେ ଅନୁମୋଦନ୍ କଲା ରାଜ୍ୟ ଏକକ ବାତାୟନ ଅନୁମୋଦନ୍ କର୍ତ୍ତୃପକ୍ଷ ।

ଆଉର୍

୩- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏବା ରଏବାର୍ ଦିନ ନିଶାମୁକ୍ତ ଭାରତ୍ ବାର୍ତା ନେଇକରି ହେବା ବିଶାଳ ଗଣଦୌଡ଼ ।

ବିଧାନ୍‌ସଭା-୨ ନମ୍ବର୍ ଦିନ୍          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍ ବିରୋଧୀ ବିଜେଡ଼ି ଦଲର୍ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଛେ । ଉପର୍‌ବେଲା ୪ ବଜେ ବିରୋଧୀ ସଦସ୍ୟମାନେ ଜବର୍ କିର୍ଲାଗଗା କର୍‌ବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ଆଏଜ୍ ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ବିଜେଡ଼ିର୍ ବିଧାୟକ୍‌ମାନେ ସାର କଳାବଜାର୍, ଆଉ ଅଭାବୀ ବିକ୍ରି ପ୍ରସଙ୍ଗକେ ନେଇକରି ଗୃହ ନ ଜବର୍ ହୋହଲ୍ଲା କରିଥିଲେ । ହୋହଲ୍ଲା ଭିତ୍‌ରେ ମାତର୍‌କ ୪ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା । ତାର୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାର୍ ଫେର୍ ସମାନ୍ ଥିତି ଲାଗି ରହେବାର୍‌ନୁ ବାଚସ୍ପତି ଆଏବା କାଏଲ୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ବିଧାନ୍‌ସଭା- ଉଚ୍ଚଶିକ୍ଷାମନ୍ତ୍ରୀ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୧୭ ଟା ବିଶ୍ୱବିଦ୍ୟାଲୟ ନ ୧ ହଜାର୍ ୪ ଶହ ୪ ଟା ଅଧ୍ୟାପକ ପଦ୍ ଖାଲି ପଡ଼ିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ଇ ପଦ୍‌ବୀ ଭିତ୍‌ରେ ୨ ଶହ ୪୦ ଟା ଅଧ୍ୟାପକ୍, ୪ ଶହ ୫୩ ଟା ଆସୋସିଏଟ୍ ଅଧ୍ୟାପକ୍ ଥଲହଉ ୬ ଶହ ୬୯ ଟା ସହକାରୀ ପ୍ରାଧ୍ୟାପକ୍ ପଦ୍ ଖାଲି ରହିଛେ । ରେଭେନ୍ସା ବିଶ୍ୱବିଦ୍ୟାଲୟ ନ ସବୁନୁ ବେଶୀ ପଦ୍ ଖାଲି ଥିଲା ବେଲେ ତାଲିକା ନ ଉତ୍କଲ ବିଶ୍ୱବିଦ୍ୟାଲୟ ୨ ନମ୍ବର୍‌ଥି ରହିଛେ । ସେନ୍ତା ୨ ହଜାର୍ ୨ ଶହ ୮୭ ଅଣଶିକ୍ଷକ୍ ପଦ୍‌ବୀ ଖାଲି ପଡ଼ିଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ ଗୃହ ନ ଉତର୍ ରଖିଛନ୍ ।

ବିଧାନ୍‌ସଭା- ଗଣଶିକ୍ଷାମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜାଲ୍ ସାର୍ଟିଫିକେଟ୍ ଦେଇକରି ଚାକିରୀ କରିଥିବା ଅଭିଯୋଗ୍‌ଥି ୪ ଶହ ୨୪ ଝନ୍ ଶିକ୍ଷକଙ୍କୁ ବହିଷ୍କାର୍ କରାଯାଇଛେ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ବିଧାନ୍‌ସଭା ନ ବିଜେଡ଼ି ବିଧାୟିକା ସୁଭାଶିନୀ ଜେନାଙ୍କର୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ବାଲେଶ୍ୱର୍ ଜିଲ୍ଲା ନ ୨୦ ଝନ୍ ପ୍ରାଥମିକ୍ ଶିକ୍ଷକ୍ ଆଉ ଶିକ୍ଷୟିତ୍ରୀ ଜାଲ୍ ସାର୍ଟିଫିକେଟ୍ ଦେଇକରି ଚାକିରୀ କରିଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୧୬

ଝନ୍‌କୁ ବହିଷ୍କାର୍ କରାଯାଇଛେ । ବାକି ୪ ଝନ୍ ନ୍ୟାୟାଳୟର୍ ଦ୍ୱାରସ୍ଥ ହେଇଛନ୍ ବଲି ମନ୍ତ୍ରୀ କହିଛନ୍ ।

ସିଙ୍ଗିଲ୍ ଓ୍ୱିଣ୍ଡୋ କମିଟି I&PR

ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ୍ କର୍ତୃପକ୍ଷର୍ ଶହେ ୪୦ ନମ୍ବର୍ ବୈଠକ୍‌ଥି ଆଏଜ୍ ରାଏଜେ ୨୫ ଟା ଶିଳ୍ପ ପ୍ରକଳ୍ପ ଥାପ୍‌ନାର୍ ଲାଗି ୪ ହଜାର୍ ୭ ଶହ ୩୯ କୋଟି ଟଙ୍କାର୍ ପୁଞ୍ଜିନିବେଶ୍‌କେ ଅନୁମୋଦନ୍ କରାଯାଇଛେ । ସମ୍ବଲ୍‌ପୁର୍ ଆର୍ ଝାର୍‌ସୁଗୁଡ଼ା ସହେତେ ୯ ଟା ଜିଲ୍ଲା ନ ୨୫ ଟା ପ୍ରକଳ୍ପ ଜରିଏ ଇ ପୁଞ୍ଜିନିବେଶ୍ କରାଯିବା । ଇତାର୍‌ଜରିଏ ବୟନଶିଳ୍ପ, ଇସ୍ପାତ୍, ରାସାୟନିକ, ସୂଚନା ପ୍ରଯୁକ୍ତି, ଭିତିଭୂମି, ପରିବହନ୍, ଅକ୍ଷୟଶକ୍ତି, ପର୍ଯ୍ୟଟନ ଆର୍ ଶୀତଲ୍‌ଭଣ୍ଡାର୍ ବାଗିର୍ ପ୍ରକଳ୍ପ ଥାପ୍‌ନା ହେବା । ଇଥି ରାଏଜେ ୨୫ ହଜାର୍ ୨ ଶହ ଚାକିରୀ ସୃଷ୍ଟି ହେବା ବଲି ବୈଠକ୍ ଉତ୍‌ରୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୨ ତାରିଖ୍ ସୋମ୍‌ବାର୍ ଦିନ ଭୁବନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ।

ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସ୍ ଅବ୍‌ସରେ ଲାଲ୍‌କିଲ୍ଲା ପ୍ରାଚୀର୍‌ନୁ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ବାବ୍‌ଦେ ଘୋଷଣା କରିଥିଲେ । ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ପ୍ରଧାନମନ୍ତ୍ରୀଙ୍କର୍ ଦୃଷ୍ଟିକୋଣ ଆଧାରିତ୍ ଜିଏସ୍‌ଟି ସଂସ୍କାର ନିଷ୍ପତି ନିଆଯାଇଥିଲା । ସାଧାରଣ ଲୁକ୍‌କର ଜୀବନ୍‌କେ ସରଲ୍ ଆଉ ସହଜ୍ କର୍‌ବାର୍ ଲକ୍ଷ୍ୟ ନେଇକରି ବହୁତ୍‌ଟେ କ୍ଷେତ୍ରଥି ଟିକସ୍ ହାର୍ କମ୍ କର୍‌ବାର୍ ଲାଗି ନିଷ୍ପତି ହେଇଛେ । ପରିବେଶ୍ ଅନୁକୂଲ୍ ଘର୍ କର୍‌ନା ଦରବ୍ କମ୍ ଦାମ୍‌ଥି ଲୁକ୍‌କୁ ଯୁଗେଇ ଦେବାର୍ ଲକ୍ଷ୍ୟଥି ଜିଏସ୍‌ଟି ପରିଷଦ୍ ବାଉଁସ୍ ତିଆରି ଶୋଫା ଆର୍ ଟେବୁଲ୍ ବାଗିର୍ ଭିନ୍ ଭିନ୍ ଦରବ୍ ଉପ୍‌ରେ ଜିଏସ୍‌ଟି କମ୍ କରିଛନ୍ । ଇ କ୍ଷେତ୍ରର୍ ଭିନ୍ ଭିନ୍ ଦରବ୍ ଉପ୍‌ରେ ୧୨ ପ୍ରତିଶତ୍‌ନୁ ୫ ପ୍ରତିଶତକେ ଜିଏସ୍‌ଟି କମ୍ କରିଛନ୍ । ଇତାର୍ ଜରିଏ ବାଉଁଶ୍ ତିଆରି ଦରବ୍‌ର ଚାହିଦା ବଢ୍‌ବାର୍ ସହେତେ ଇ ଶିଳ୍ପର୍ ବିକାଶ୍

ଆର୍ ଇଥି କାମ୍ କରୁଥିବା ଲୁକ୍କର୍ ଆର୍ଥିକ୍ ଥିତି ସୁଧ୍ରିପାର୍ବା ବଲି ଆଶ୍ କରାଯାଉଛେ ।

ସେବା ପର୍ବ ଏନ୍ଏସ୍ଡି/ଆର୍ଏନ୍ୟୁ/ ସମ୍ବଲପୁର

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍ମା ଜନଜାତି ସମ୍ପ୍ରଦାୟର୍ ସଶକ୍ତିକରଣ୍ ଦିଗେ ସର୍କାର୍ ନଉଥିବା ପଦକ୍ଷେପ୍ମାନ୍କର ବାବ୍ଦେ....

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ)

*ପୁର୍ଥିର୍ ଗୁଟେ ବିବିଧ ଜନଜାତି ସମ୍ପ୍ରଦାୟର ଦେଶ୍ ହେଉଛେ ଭାରତ୍ । ୧୦ କୋଟି ୪୫ ଲାଖ୍ ନୁ ଅଏତ୍କା ଜନଜାତି ବର୍ଗର୍ ଲୋକ୍ ଇହାଦେ ଦେଶେ ଅଛନ୍ । ଯେନ୍ଟାକି ଦେଶର୍ ମୋଟ୍ ଜନସଂଖ୍ୟାର୍ ୮ ଦଶ୍ମିକ୍ ୬ ପ୍ରତିଶତ୍ । ଦେଶେ ଜନଜାତି*

ସମ୍ପ୍ରଦାୟ ଇହାଦେ ବର୍‌କସ୍ ହେବାର୍ ସଙ୍ଗେ ସେମାନ୍‌କର୍ ଜୀବନ୍ ଧାରଣ୍‌ର ମାନ ଭିଲ୍ ବଢ଼ିଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଗଲା ଦଶନ୍ଧି ଭିତ୍‌ରେ ଆଦିବାସୀ ମନ୍ତ୍ରଣାଲୟର୍ ବଜେଟ୍ ୩ ଗୁନା ବଢ଼ିଛେ । ୨୦୧୩-୧୪ବେଲ୍‌କେ ବଜେଟ୍ ପାଖାପାଖ୍ ୪ ହଜାର୍ ୩ ଶହ କୋଟି ଥିବାର୍ ବେଲେ ୨୦୨୪-୨୫ ବଛରେ ଇଟା ୧୩ ହଜାର୍ କୋଟି କେ ପୁହୁଁଚିଛେ । ଅନୁସୂଚିତ ଜନଜାତିର୍ ବର୍ଗର୍ ବିକାଶ୍ ଲାଗି ୨୦୧୩-୧୪ ବଛର୍ ଉତ୍‌ରୁ ଇହାଦେ ବଜେଟ୍ ବ୍ୟୟବରାଦ୍ ୫ ଗୁନା ବଢ଼ିଛେ । ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ୍ ଖାସ୍ କରି ଦୁର୍ବଲ୍ ଆଦିବାସୀ ଗୋଷ୍ଠୀଙ୍କର୍ ଲାଗି ନ୍ୟାୟ ମର୍ଯ୍ୟାଦା ଆଉ ଉନ୍ନତି ଲାଗି ଗୁଟେ ଶକ୍ତିଶାଲୀ ଜରିଆ ହେଇଛେ । ଦେଶର୍ ୪୭ ଲାଖ୍ ନୁ ଅଏତ୍‌କା ଆଦିବାସୀଙ୍କର୍ ଲାଗି ଯୋଜ୍‌ନାଥି ୨୪ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ଧର୍‌ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ୍‌ଥି ୧୭ ଟା ଭିନ୍ ଭିନ୍ ମନ୍ତ୍ରଣାଲୟ ଜରିଏ ୨୫ ଟା କାର୍ଯ୍ୟକ୍ରମ୍ ଚାଲିଛେ । ୫ କୋଟି ଆଦିବାସୀଙ୍କୁ ଉନ୍ନତ୍ ଜୀବିକା ଦେବାର୍ ଲକ୍ଷ୍ୟଥି ୬୩ ହଜାର୍‌ନୁ ଅଏତ୍‌କା ଗାଁ ନ ଭିତିଭୂମିର୍ ବିକାଶ୍ କରାଯାଇଛେ ।

(ସେବା ପର୍ବ ଏସ୍.ଟି)

ଗଣଦୌଡ଼ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ଆଏବା ୨୧ ତାରିଖ୍ ଦିନ ସଖାଲର୍ ୭ ବଜେ ଦେଶର୍ ୭୫ ଟା ସହର୍ ନ ୧୦ ଲାଖ୍ ଯୁଆନ୍ ମାନ୍‌କୁ ନେଇକରି ଗଣଦୌଡ଼ ଆୟୋଜନ୍ କରାଯାଉଛେ । ଇ ଗଣଦୌଡ଼ର୍ ବାର୍ତା ହେଉଛେ ନିଶାମୁକ୍ତ ଭାରତ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ବିଶାଲ୍ ଗଣଦୌଡ଼ର୍ ଆୟୋଜନ୍ କରାଯାଇଛେ । ଗଣଦୌଡ଼କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭାରମ୍ଭ କର୍‌ବେ । ମୁଖ୍ୟମନ୍ତ୍ରୀ ଆଏଜ୍ ଗଣଦୌଡ଼ ଲାଗି ଖାସ୍ ଜର୍ସି ଉନ୍ମୋଚନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଉଧେ ମହତ୍ ବାର୍ତା ଆୟୋଜନ୍ କରାଯାଉଥିବା ଇ ଗଣଦୌଡ଼ଥି ସାମିଲ୍ ହେବାର୍‌କେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୁଆନ୍ ଗୋଷ୍ଠୀ ଆର୍ ଛାତ୍ରଛାତ୍ରୀମାନ୍‌କୁ ଅନୁରୋଧ୍ କରିଛନ୍ ।

ବେଆଇନ୍ ନିଶା ଚଢ଼ଉ I&PR

ବେଆଇନ ନିଶା କାର୍‌ବାର୍ ବିରୋଧିଥି ପୁଲିସ ଆଉ ଅବ୍‌କାରୀ ବିଭାଗ୍ ତର୍‌ଫୁ ଚାଲିଥିବା ଚଢ଼ଉର୍ ଗଲାକାଏଲ୍ ୧୮ ନମ୍ବର ଦିନେ ୧ କୋଟି ୬୦ ଲାଖ୍ ଟଙ୍କାର୍ ବେଆଇନ୍ ନିଶା ଦରବ୍ ଜବତ୍ କରାଯାଇଛେ । ବିଭାଗର୍ ସୂଚ୍‌ନା ଅନ୍‌ସାରେ, ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ଚଢ଼ଉ କରାଯାଇ କରି ୧୦ ହଜାର୍ ୬ ଶହ ୬ ଲିଟର୍ ମଦ୍,

୧୧ ଲିଟର୍ ନକ୍‌ଲି ମଦ୍, ଶହେ ୬୩ କେଜି ଗଞ୍ଜେଇ ଆର୍ ୨ ଶହ ୪୫ ଗ୍ରାମ୍ ହେରୋଇନ୍ ଜବତ୍ କରାଯାଇଛେ । ୧ ଲାଖ୍ ୭ ହଜାର୍‌ନୁ ଅଏତ୍‌କା ଲିଟର୍ ମହୁଲ୍ ପୋଚ ନଷ୍ଟ କରାଯାଇଛେ । ଇ ସମିଆଥି ୨ ଶହ ୫୪ ଟା ମାମ୍‌ଲା ରୁଜୁ କରାଯିବାର୍ ସହେତେ ଶହେ ୫୩ ଝନ୍‌କୁ ଗିରଫ୍ କରାଯାଇଛେ । ବେଆଇନ୍ କାମ୍‌ଥି ବେଭାର୍ ହେଇଥିବା ୨୦ଟା ଗାଡ଼ି ଜବତ୍ କରାଯାଇଛେ ।

ନୂଆପଡ଼ା-ସୁସ୍ଥ ନାରୀ ସଶକ୍ତ ପରିବାର୍  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଳା ଡିଗ୍ରୀ କଲେଜ୍ ନ ଜାତୀୟ ସେବା ଯୋଜ୍‌ନା ତର୍‌ଫୁ ଚାଲିଥିବା ଶିବିର୍‌ଥି ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍‌ଥି ମହିଳାମାନ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଆୟୁସ୍ ଡାକ୍ତର୍ ଅନ୍ନଦା ଶଙ୍କର୍ ଦାସ ଯୋଗ୍ ଦେଇକରି ମହିଳାମାନ୍‌କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରିଥିଲେ । ମହିଳାମାନେ ସୁସ୍ଥ ହେଲେ ପରିବାର୍ ନିଶ୍ଚିତ ଭାବେ ସଶକ୍ତ ହେସି ବଲି ଇ ଅବ୍‌ସରେ ଡାକ୍ତର୍ ଦାସ କହିଛନ୍ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବାବା ବୈଦ୍ୟନାଥ ସର୍‌କାରୀ ଉଚ୍ଚବିଦ୍ୟାଳୟ ଠାନେ ପୋକ୍‌ସୋ ଆଇନ୍ ଆଉ ପିଡ଼ିତା କ୍ଷତିପୂରଣ୍ ଆଇନ୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିଶୁ ଆଉ ମହିଳାମାନ୍‌କର୍ ଉପ୍‌ରେ ହେଉଥିବା ନିର୍ଯ୍ୟାତନାକେ କେନ୍ତାକରି ରୁକାଯାଇପାର୍‌ବା ।

ବୌଦ୍ଧ- ଜନଶୁଣାଣି ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଗୁନ୍ଦୁଲିଆ ଠାନେ ପରିବେଶ୍ ବିଭାଗ୍ ତର୍‌ଫୁ ଜନଶୁଣାଣି ଶିବିର୍ ହେଇଯାଇଛେ । ଜିଲ୍ଲାର୍ ଲୁମ୍ବୁରୁଜେନା ଗାଁ ପାଖେ ପାଖାପାଖି ୮ ହେକ୍ଟର୍ ଜାଗା ନ ଗୁଟେ କମ୍ପାନୀ କ୍ୱାର୍ଟଜ୍ ପଥର୍ ଖନନ କର୍‌ବାର୍‌କେ ଯାଉଛେ । ଇତାର୍‌ଲାଗି ବୌଦ୍ଧ ତହସିଲ୍‌ର ଲୁମ୍ବୁର୍‌ଜେନା ଆର୍ ସାଲେପଡ଼ା ଗାଁ ନ ପରିବେଶ୍‌ଗତ ପ୍ରଭାବ୍‌ର ମୂଲ୍ୟାଙ୍କନ୍ ଲାଗି ଆଏଜ୍ ଇ ଜନଶୁଣାଣି ହେଇଥିଲା । ଉପଜିଲ୍ଲାପାଲ୍ ବିନୟ କୁମାର୍ ଭୋଇ ଶିବିର୍‌ଥି ଯୋଗ୍ ଦେଇକରି ଶୁଣାଣି କରିଥିଲେ ।

କେନ୍ଦ୍ରୀୟ ବିଦ୍ୟାଳୟର୍ ଥାପ୍‌ନା ଦିବସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଲୟର୍ ଥାପ୍ନା ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍ସରେ ମୁଖ୍ୟଅତିଥି ଭାବେ କଲେଜ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷ ତହସିଲ୍‌ଦାର୍ ନରସିଂହ ଗଡ଼ବା ଯୋଗ୍ ଦେଇକରି ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସହେତେ ଉନ୍ନତ୍ ପ୍ରଣାଲୀ ବେଭାର୍ କରିକରି ବିଦ୍ୟାର୍ଥୀଙ୍କୁ ସହଜ୍ ଆଉ ସରଲ୍ ଭାବେ ପାଠ୍ ପଢ୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ, ଦୁଇଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ଆଉ ବିଜ୍‌ଲି ମାରିପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।